# ODM PUBLIC SCHOOL

**SESSION :8**
**CLASS : V**
**SUBJECT : ଓଡିଆ**
**CHAPTER NUMBER:03**
**CHAPTER NAME :ଶୁଖିଲା ପତ୍ରର କଥା**
**SUBTOPIC :ଶବ୍ଦାର୍ଥ ,ବାକ୍ୟଗଠନ**

# LEARNING OBJECTIVE

ଶୁଙ୍ଖଲା ପତ୍ରର ମହତ୍ତ୍ୱ ବିଷୟରେ ଜାଣିବା ।

# ଶୃଙ୍ଖଳା ପତ୍ରର କଥା ।

ଗୁରୁଙ୍କ ମୁହଁରୁ ଏକଥା ଶୁଣି ତୁଷାର ଓ ଶିଶିର ବିସ୍ମିତ ହେଲେ। ସେମାନେ ଭାବିଲେ,ଗୁରୁ ଟଙ୍କା ସୁନା ନ ମାଗି ସାମାନ୍ୟ ଶୃଙ୍ଖଳା ପତ୍ର କେତୋଟି ଦକ୍ଷିଣା ଭାବରେ ମାଗିବାର ତାତ୍ପର୍ଯ୍ୟ କ'ଣ ହୋଇପାରେ। ଗୁରୁଙ୍କ ଆଜ୍ଞା ପାଳନ କରିବା ତ ତାଙ୍କର ପରମ କର୍ତ୍ତବ୍ୟ। ତେଣୁ ବିଳମ୍ବ ନ କରି ଦୁହେଁ ଅଦରକାରୀ ଶୃଙ୍ଖଳା ପତ୍ର ସନ୍ଧାନରେ ବାହାରିଲେ। କିଛି ବାଟ ଅତିକ୍ରମ କରିବା ପରେ ସେମାନେ ଗୋଟିଏ ବିରାଟ ଆମ୍ବ ତୋଟାରେ ପହଞ୍ଚିଲେ। ଦେଖିଲେ ଶୃଙ୍ଖଳା ପତ୍ର ସବୁ ଗଦାଗଦା ହୋଇ ରଖାଯାଇଛି। ତୁଷାର ଓ ଶିଶିର ସେହି ପତ୍ର ଗଦାରୁ କିଛି ଆଣିବାକୁ ଯିବାରୁ ଅଳ୍ପ ଦୂରରେ ଥିବା ବୁଢୀଟିଏ ଧଇଁସଇଁ ହୋଇ ଆସି ସେଠାରେ ପହଞ୍ଚିଲା । କହିଲା,"ପୁଅ, ମୁଁ ବହୁ କଷ୍ଟରେ ଖରକାଖରକି କରି ଏହି ପତ୍ର ଗୁଡିକୁ ଠୁଳ କରିଛି । ଏଗୁଡ଼ିକୁ ନେଇ ଜାଳ କରିବି । ଖୁଦ ମୁଠେ ଜାଉ କରି ଖାଇବି ।ତୁମେ ଏ ଗଦାରୁ ପତ୍ର ନିଅନା । ବୁଢୀ ମଣିଷ ମୁଁ ,ଆଉ ଦୂରକୁ ଯାଇ ପତ୍ର ସାଉଁଟି ଠୁଳ କରିପାରିବି ନାହିଁ ।

ODM PUBLIC SCHOOL

# ଶବ୍ଦାର୍ଥ

ବିସ୍ମିତ –ଆଶ୍ଚର୍ଯ୍ୟ
ତାତ୍ପର୍ଯ୍ୟ-ଉଦ୍ଦେଶ୍ୟ
ପରମ –ଶ୍ରେଷ୍ଠ
ଅତିକ୍ରମ –ପାରହୋଇ
ସନ୍ଧାନ –ଖୋଜିବା

ODM PUBLIC SCHOOL

# ଶୁଖିଲା ପତ୍ରର କଥା

ବୁଢୀଠାରୁ ଏକଥା ଶୁଣି ଦୁଇ ଶିଷ୍ୟ ସେଠାରୁ ବାହାରି ଅନ୍ୟତ୍ର ଚାଲିଗଲେ। କିଛି ଦୂର ଯାଇ ଦେଖିଲେ ଜଣେ ଲୋକ ଶୁଖିଲା ପତ୍ର ଏକାଠି କରୁଛି । ଶିଷ୍ୟ ଦୁହେଁ ତାକୁ ପଚାରିଲେ,"ଭାଇ,ଏ ପତ୍ର ତୁମର କି ଦରକାରରେ ଆସିବ?"ଲୋକଟି,"ଏ ପତ୍ରକୁ ଜାଳି ପାଉଁଶ କରିଦେଲେ ଏହା ଭଲ ସାରରେ ପରିଣତ ହେବ। ସେହି ସାରକୁ କ୍ଷେତରେ ପକାଇଲେ ଭଲ ଫସଲ ହେବ। ସେଇଥିପାଇଁ ତ ମୁଁ ଏ ପତ୍ରତକ ନେଉଛି।" ଲୋକଟି ମୁହଁରୁ ଏକଥା ଶୁଣି ଦୁଇ ଶିଷ୍ୟ ପୁଣି ଆଗକୁ ଚାଲିଲେ। କିଛି ବାଟ ଯିବା ପରେ ଦେଖିଲେ ବୁଢାଟିଏ ଶୁଖିଲା ପତ୍ର ସାଉଁଟୁଛି। ବୁଢାକୁ ଦୁହେଁ ପଚାରିଲେ,"ମଉସା,ଏ ପତ୍ର ନେଇ ତୁମେ କ'ଣ କରିବ?"ବୁଢାଟି କହିଲା,"ବାପା,ତୁମେ ଏ ପତ୍ରର ଗୁଣ ବୋଧହୁଏ ଜାଣନା ।ଏହାକୁ ଗୁଣ୍ଡକରି ପାଣିରେ ଫୁଟାଇ ଛାଣି କରି ସେହି ଫୁଟାପାଣି ପିଇଲେ ସବୁପ୍ରକାର ଜ୍ୱର ଭଲ ହୋଇଯିବ । ଏହି ପତ୍ର ହେଉଛି ପୁରୁଣା ଜ୍ୱରର ଅବ୍ୟର୍ଥ ଔଷଧ।"

ODM PUBLIC SCHOOL

# ଶବ୍ଦାର୍ଥ

ଅନ୍ୟତ୍ର –ଅନ୍ୟଆଡେ
ଫସଲ –ଶସ୍ୟ
ଅବ୍ୟର୍ଥ –ଉପଯୁକ୍ତ
ପରିଣତ –ତିଆରି
ପାଣିରେ ଫୁଟାଇ –ପାଣିରେ ଗରମ କରି

ODM PUBLIC SCHOOL

# ଗୃହକର୍ମ

କଷ୍ଟଶବ୍ଦ ଗୁଡିକୁ ଖାତାରେ ଲେଖ ଓ ବାକ୍ୟଗଢ।

ODM
PUBLIC SCHOOL

# LEARNING OUTCOME:

ସୃଷ୍ଟିକର୍ତ୍ତାଙ୍କ କୌଣସି ଜିନିଷ ଅଦରକାରୀ ନୁହେଁ ।

# THANKING YOU

# ODM EDUCATIONAL GROUP